ଓଡ଼ିଶା ସାହିତ୍ୟ ଏକାଡେମୀ

# ସମାଚାର

ODISHA SAHITYA AKADEMI SAMACHAR

40th Issue : January-March 2015

ସଂଖ୍ୟା ୪୦ : ଜାନୁଆରୀ-ମାର୍ଚ୍ଚ ୨୦୧୫

## ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପୁଣ୍ୟ ସ୍ମୃତିରେ ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ପାନ୍ଥନିବାସ କଳିଙ୍ଗ କନଭେନସନ ହଲରେ ତା ୨୦.୩.୧୫ ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମକୁ ସୁଖ୍ୟାତ ଭାଷାତତ୍ତ୍ୱବିତ୍ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିବାରେ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଅବଦାନ ମହତ ବୋଲି କହିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱନାମଧନ୍ୟ ଗବେଷକ ତଥା ଭାଷାବିଜ୍ଞାନୀ ପ୍ରଫେସର ଡକ୍ଟର ପଞ୍ଚାନନ ମହାନ୍ତି "The Odia Language and its Nominal Morphology" ବିଷୟକ ବକ୍ତୃତା ପ୍ରଦାନ କରି ଓଡ଼ିଆର ଉତ୍ପତ୍ତି ଦ୍ରାବିଡ଼ ଓ ମୁଣ୍ଡା ଭାଷାରୁ ବୋଲି ମତ ଉପସ୍ଥାପନ କରିଥିଲେ । ଓଡ଼ିଆ ଭାଷା ସଂସ୍କୃତ ଭାଷାରୁ ଉତ୍ପତ୍ତି ହୋଇନାହିଁ କିମ୍ବା ଏହା ଇଣ୍ଡୋ-ଆର୍ଯ୍ୟ ଭାଷା ଗୋଷ୍ଠୀର ଭାଷା ନୁହେଁ ବୋଲି ସେ କହିଥିଲେ । ତାଙ୍କ କହିବାନୁଯାୟୀ ଓଡ଼ିଆ ଭାଷା ଏକ ମୁଣ୍ଡା ଭାଷା ଗୋଷ୍ଠୀର ହୋଇଥିବାବେଳେ ଏହାକୁ ଆର୍ଯ୍ୟ ଭାଷା ଗୋଷ୍ଠୀର ବୋଲି କୁହାଯାଉଛି । ସମୁଦାୟ ୧୪ ଗୋଟି ମୁଣ୍ଡା ଭାଷା ମଧ୍ୟରୁ ୧୦ ଗୋଟି ମୁଣ୍ଡା ଭାଷା ଓଡ଼ିଆ ଭାଷାରେ ବହୁଳ ଭାବରେ ବ୍ୟବହୃତ ହୋଇଆସୁଛି । ଓଡ଼ିଆ ଭାଷା ବ୍ୟତୀତ ଅନ୍ୟକୌଣସି ଭାଷାରେ ଏତେ ମାତ୍ରାରେ ମୁଣ୍ଡା ଭାଷାର ବ୍ୟବହାର ଦେଖାଯାଏ ନାହିଁ । ଓଡ଼ିଶା, କଳିଙ୍ଗ ଓ ଉତ୍କଳ ଭଳି ଶବ୍ଦମାନ ଆର୍ଯ୍ୟଭାଷା ଗୋଷ୍ଠୀର ଶବ୍ଦ ନୁହେଁ ବୋଲି ଡକ୍ଟର ମହାନ୍ତି କହିଥିଲେ । ଏହି ଶବ୍ଦଗୁଡ଼ିକ ଦ୍ରାବିଡ଼ ଶବ୍ଦ । ତେଣୁ ଓଡ଼ିଆ ଭାଷା ସଂସ୍କୃତ ଭାଷାରୁ ସୃଷ୍ଟ ନୁହେଁ ବୋଲି ଡକ୍ଟର ମହାନ୍ତି ସ୍ପଷ୍ଟ ମତବ୍ୟକ୍ତ କରିଥିଲେ । ଏହି ଭାଷାର ବିକାଶରେ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ସ୍ୱୀୟ ଭାଷଣ ପ୍ରସଙ୍ଗରେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସାହିତ୍ୟିକ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ 'ମାଦଳା ପାଞ୍ଜି'ର ଦ୍ୱିତୀୟ ସଂସ୍କରଣ ଲୋକାର୍ପିତ ହୋଇଥିଲା । ଏହାବ୍ୟତୀତ ଏକାଡେମୀ ଦ୍ୱାରା ପ୍ରକାଶିତ ଅନ୍ୟ ଚାରିଗୋଟି ପୁସ୍ତକ ଯଥା ଏକାଡେମୀ ଦ୍ୱାରା ସମ୍ପାଦିତ ଓଡ଼ିଆ ସମାଲୋଚନା ସାହିତ୍ୟ, ଡକ୍ଟର ବାଉରୀବନ୍ଧୁ କରଙ୍କ ଲିଖିତ ସାହିତ୍ୟ ସାଧକ ମାୟାଧର ମାନସିଂହ ଏବଂ ପ୍ରମିଳା ମିଶ୍ରଙ୍କ ସମ୍ପାଦିତ ଜଗନ୍ନାଥ ପାଣି ଗ୍ରନ୍ଥାବଳୀର ପ୍ରଥମ ଓ ଦ୍ୱିତୀୟ ଖଣ୍ଡ ଏହି ଅବସରରେ ଲୋକର୍ପିତ ହୋଇଥିଲା । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯାଜପୁରଠାରେ ଜିଲ୍ଲାସ୍ତରୀୟ କବି ସମ୍ମିଳନୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଯାଜପୁର ଜିଲ୍ଲା ଜାରକାସ୍ଥିତ ଇନ୍‌ଡୋର ଷ୍ଟାଡ଼ିୟମ ସଭାଗୃହଠାରେ ତା ୨୮.୨.୧୫ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଜିଲ୍ଲାସ୍ତରୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କବି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଏକାଡେମୀର ଜିଲ୍ଲା ସଦସ୍ୟ ଶ୍ରୀ ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହାକୁ ବରିଷ୍ଠ ସାହିତ୍ୟିକ ଶ୍ରୀ ଅଚ୍ୟୁତାନନ୍ଦ ପତି ଉଦ୍‌ଘାଟନ କରି ଓଡ଼ିଆ ଭାଷା ବଞ୍ଚି ରହିଛି ଏବଂ ତାହା ସୂର୍ଯ୍ୟ ଚନ୍ଦ୍ର ଥିବା ଯାଏ ବଞ୍ଚି ରହିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅନିଲ କୁମାର ସାମଲ, ସମ୍ମାନନୀୟ ଅତିଥି ଭାବେ କବି ଡକ୍ଟର ହୃଷିକେଶ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଓଡ଼ିଆ ପ୍ରାଚୀନ ସାହିତ୍ୟ ଯେପରି ମହିମା ମଣ୍ଡିତ, ମଧ୍ୟଯୁଗୀୟ ଓ ଆଧୁନିକ ସାହିତ୍ୟ ସେହିପରି ଗୌରବାବହ ବୋଲି ମତବ୍ୟକ୍ତ କରିଥିଲେ । କବିତା ଏକ ସୂକ୍ଷ୍ମ କଳା ହୋଇଥିବାରୁ ପ୍ରାମାଣିକ ତଥ୍ୟ ଦ୍ୱାରା ତାହା ଅନୁଭବ ହୋଇଥାଏ ବୋଲି ବକ୍ତା ଓ ଅତିଥି ବୃନ୍ଦ କହିଥିଲେ । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡକ୍ଟର ରୁଦ୍ର ନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ଅପରାହ୍ନ ୨.୦୦ ଘଣ୍ଟା ସମୟରେ ଜିଲ୍ଲାସ୍ତରୀୟ କବିତା ପାଠ କାର୍ଯ୍ୟକ୍ରମ କବି ପ୍ରଭାକର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଏକାଡେମୀର ପ୍ରାକ୍ତନ ସଭାପତି ଡକ୍ଟର ହୁସେନ୍ ରବିଗାନ୍ଧୀ ଯୋଗଦାନ କରିଥିଲେ । ଏଥିରେ ଅଶୀରୁ ଉର୍ଦ୍ଧ୍ୱ ଆମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା । କବିତାଗୁଡ଼ିକୁ କବି ଯତିନ୍ଦ୍ର ରାଉତ, ପଦ୍ମଜା ଶରଣ ଓ ସୁବ୍ରତ ଦାସ ସଂଯୋଜନା କରିଥିଲେ ।

## ସୁନ୍ଦରଗଡ଼ଠାରେ ଜିଲ୍ଲାସ୍ତରୀୟ ସୃଜନ ଆସର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୁନ୍ଦରଗଡ଼ସ୍ଥ ହସ୍‌ପିଟାଲ ଛକ ନିକଟ ହୋଟେଲ ଶିଲା ଇନ୍‌ଠାରେ ତା ୧.୩.୧୫ ରିଖ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି

ଏକାଡେମୀର ସୁନ୍ଦରଗଡ଼ ଜିଲ୍ଲା ସଦସ୍ୟ ଡକ୍ଟର ଭଗବାନ ପଟେଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଗାଳ୍ପିକ ଶ୍ରୀ ଗିରି ଦଣ୍ଡସେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏଥିରେ ଡକ୍ଟର କୃପାସିନ୍ଧୁ ନାୟକ ମୁଖ୍ୟଅତିଥି, ଡକ୍ଟର କୃପାସିନ୍ଧୁ ନାୟକ ଓ ଶ୍ରୀ ଭୂପେନ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏହାପରେ "ସୁନ୍ଦରଗଡ଼ର ସୃଜନ ଧାରା" ବିଷୟରେ ଆଲୋଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସାହିତ୍ୟିକ ଶ୍ରୀ ଗୌରାଙ୍ଗ ଚରଣ ଦାଶ ଓ ଶ୍ରୀ ରାଜୀବ ପାଣି ସମ୍ମାନନୀୟ ଆଲୋଚକ ଭାବେ ଯୋଗଦାନ କରି ସୁନ୍ଦରଗଡ଼ର ସୃଜନ ଧାରା ବିଷୟରେ ଆଲୋଚନା କରିଥିଲେ । ଏଥିରେ ଶ୍ରୀ ସୁଧାଂଶୁ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ ।

ଅପରାହ୍ନ ୧୨.୩୦ ଘଣ୍ଟା ସମୟରେ କବି ଶ୍ରୀ ଦୁର୍ଗା ମାଧବ ପଣ୍ଡାଙ୍କ ପୌରୋହିତ୍ୟରେ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପଚାଶରୁ ଊର୍ଦ୍ଧ୍ୱ ସ୍ଥାନୀୟ ଆମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା । ଏହି କବିତାଗୁଡ଼ିକୁ ଶ୍ରୀ ଗଣେଶ ତ୍ରିପାଠୀ ଓ ଶ୍ରୀ ତ୍ରିନାଥ ସିଂ ସଂଯୋଜନା କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ସାହିତ୍ୟ ସାଧକ ଶଶିଭୂଷଣ ରଥଙ୍କ ଜୟନ୍ତୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶଶିଭୂଷଣ ସାହିତ୍ୟ ସଂସଦଙ୍କ ମିଳିତ ଆନୁକୂଲ୍ୟରେ ବରେଣ୍ୟ ସମ୍ପାଦକ ପ୍ରବୀଣ ସାମ୍ବାଦିକ ସମାଜ ସଂସ୍କାରକ ଓ ସାରସ୍ୱତ ସଙ୍ଗଠକ ତଥା ସାହିତ୍ୟ ସାଧକ ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୋରଡ଼ାସ୍ଥ ଶଶିଭୂଷଣ ଉଚ୍ଚ ବିଦ୍ୟାଳୟଠାରେ ତା ୧.୧.୧୫ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସାରସ୍ୱତ ସଭାରେ ସୋରଡ଼ାର ମାନ୍ୟବର ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟବକ୍ତା ଓ ଶ୍ରୀ ରଞ୍ଜନ କୁମାର ପାଟ୍ଟଯୋଶୀ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶଶିଭୂଷଣ ସାହିତ୍ୟ ସଂସଦର ସଭାପତି ଶ୍ରୀ ପଦ୍ମଲୋଚନ ପଣ୍ଡା ପୌରୋହିତ୍ୟ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଫକୀର ମୋହନ ସାହିତ୍ୟ ପରିଷଦଙ୍କ ସହଯୋଗରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଯୁଗସ୍ରଷ୍ଟା ସାଧକ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୪.୧.୧୫ରିଖ ଅପରାହ୍ନ ୩ ଘଣ୍ଟା ସମୟରେ ବ୍ୟାସକବିଙ୍କ ସ୍ମୃତିପୀଠ ଶାନ୍ତି କାନନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି ।

ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଡକ୍ଟର ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ମୁଖ୍ୟଅତିଥି, ଡକ୍ଟର ଶିରୀଶ ଚନ୍ଦ୍ର ଜେନା ସମ୍ମାନନୀୟ ଅତିଥି, ଡକ୍ଟର ଶକୁନ୍ତଳା ବଳିୟାରସିଂହ ମୁଖ୍ୟବକ୍ତା ଓ ଶ୍ରୀ ରବି ନାରାୟଣ ଦାଶ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## କବି ବ୍ରଜରାଜ ସିଂହଦେଓ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖଡ଼ିଆଳ ସାହିତ୍ୟ ସମିତିଙ୍କ ସହଯୋଗରେ ତା ୨୪.୧.୧୫ରିଖ ପବିତ୍ର ଶ୍ରୀପଞ୍ଚମୀ ତିଥିରେ ଅପରାହ୍ନ ୩ ଘଣ୍ଟା ସମୟରେ କବି ବ୍ରଜରାଜ ସିଂହଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଖଡ଼ିଆଳସ୍ଥ ବୀରବିକ୍ରମ ମଣ୍ଡପଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି ।

ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଡକ୍ଟର ଶରତ ଚନ୍ଦ୍ର ଚଲାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଜିତା ମିତ୍ର ପ୍ରସାଦ ସିଂହଦେବ ମୁଖ୍ୟଅତିଥି, ଶ୍ରୀମତୀ ଖୁଲଣା ବେହେରା ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମାନନୀୟ ଅତିଥି ଓ ଅଧ୍ୟାପକ ବିଜୟ କୁମାର ବାରିକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ ହୋଇଥିଲା ।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ ସାହିତ୍ୟ ସଭା




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଏକ ସାହିତ୍ୟ ସଭା ତା ୧୧.୩.୧୫ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାକୁ ଓଡ଼ିଶାର ମାନ୍ୟବର ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଉଦ୍‌ଘାଟନ କରି ଓଡ଼ିଆ ଭାଷାର ଉନ୍ନତି ତଥା ଏହାର ଉତ୍ତରୋତ୍ତର ବିକାଶ ପାଇଁ ଖୁବ୍ ଶୀଘ୍ର ରାଜ୍ୟରେ ସେଣ୍ଟର ଅଫ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ନିଆ ଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ଭୁବନେଶ୍ୱରସ୍ଥ 'ରିଜିଓନାଲ ଲାଙ୍ଗୁଏଜ୍ ସେଣ୍ଟର' ପରିସରରେ ଏହି ସେଣ୍ଟର ଅଫ ଏକ୍ସଲେନ୍ସର ପ୍ରତିଷ୍ଠା କିମ୍ବା ରାଜ୍ୟ ସରକାର ଜମି କିମ୍ବା ଘର ଯୋଗାଇଦେଲେ ଏହା ଅନ୍ୟ କୌଣସି ସ୍ଥାନରେ ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଚିଠି ମାଧ୍ୟମରେ ଜଣାଇଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ । ଏହା ବ୍ୟତୀତ ରାଜ୍ୟର କୌଣସି ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଦୁଇଟି ସ୍ୱତନ୍ତ୍ର ଚେୟାର ଓଡ଼ିଆ ଭାଷା ନିମନ୍ତେ ପ୍ରତିଷ୍ଠା କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ । ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରି ସ୍ୱନାମଧନ୍ୟ ଭାଷାବିତ ଡକ୍ଟର ଗଗନେନ୍ଦ୍ର ନାଥ ଦାଶ କହିଲେ, ଶିକ୍ଷିତମାନଙ୍କ ମଧ୍ୟରେ ଓଡ଼ିଆ ଭାଷାର ବ୍ୟବହାର କମି ଯାଉଥିବାରୁ ଆମ ଭାଷାର ପରିସର ସଙ୍କୁଚିତ ହୋଇଯାଉଛି । ଡକ୍ଟର ଦାଶ ପୁଣି କହିଲେ କେବଳ ଭାବପ୍ରବଣ ହୋଇ ଭାଷା ଦିବସ ପାଳନ କଲେ ହେବନି ବରଂ ସର୍ଜନାତ୍ମକ ସାହିତ୍ୟଠାରୁ କିଛିକାଂଶରେ ଦୂରେଇଯାଇ ତଥ୍ୟ ଏବଂ ବିବରଣୀର ସାହିତ୍ୟ ଉପରେ ଗୁରୁତ୍ୱ ଦେବା ଉଚିତ୍ ହେବ । ଏ ଅବସରରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଓ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ସୁଶୀଲ କୁମାର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ପୂର୍ବରୁ ପ୍ରତିଯୋଗୀତା କରାଯାଇ ପ୍ରବନ୍ଧ ଓ ତର୍କ ବିଷୟରେ କୃତିତ୍ୱ ହାସଲ କରିଥିବା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତୀତ ଏକାଡେମୀ ପକ୍ଷରୁ ପ୍ରକାଶିତ 'ଦି କ୍ଲାସିକାଲ ଓଡ଼ିଆ ଇନ୍ ହିଷ୍ଟୋରିକାଲ ପର୍ସପେକ୍ଟିଭ' ପୁସ୍ତକ ସହିତ ଶ୍ରୀ ସୌରୀବନ୍ଧୁ କରଙ୍କ ରଚିତ "ଲେଖକ ଗାନ୍ଧୀ", ଡକ୍ଟର ସୁରେନ୍ଦ୍ର କୁମାର ମହାରଣାଙ୍କ ଦ୍ୱାରା ରଚିତ "ପ୍ରଫେସର ନବୀନ କୁମାର ସାହୁ", ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଦ୍ୱାରା ରଚିତ "ଗୌରୀଶଙ୍କର", ଅବନୀ କୁମାର ବରାଳଙ୍କ ଦ୍ୱାରା ରଚିତ "କୋଟିପ୍ରାଣର ମଣିଷ ପ୍ରାଣନାଥ"ଓ ଭାଷା ଦିବସ ଉପଲକ୍ଷେ କୋଣାର୍କ ପତ୍ରିକାର ୧୭୬ତମ ବିଶେଷ ସଂଖ୍ୟା ଏ ଅବସରରେ ଲୋକାର୍ପିତ ହୋଇଥିଲା । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଆନ୍ଧ୍ରପ୍ରଦେଶର ପଲାସାଠାରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆନ୍ଧ୍ରପ୍ରଦେଶ ପଲାସାସ୍ଥ ସରକାରୀ କନିଷ୍ଠ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ତା ୨୨.୩.୧୫ ରିଖରେ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି ।

ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଆଲୋଚନାଚକ୍ର ଅଧିବେଶନ ଆରମ୍ଭ ହୋଇଥିଲା । ଏଥିରେ ଏକାଡେମୀର ଗଜପତି ଜିଲ୍ଲା ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଏମ୍. ରାଜଗୋପାଳ ରାଓ ଏହି ସାରସ୍ୱତ ସମାବେଶକୁ ଉଦ୍‌ଘାଟନ କରିଥିଲେ ।

ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏକାଡେମୀର ସଦସ୍ୟ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ କହିଲେ ଓଡ଼ିଆ ଭାଷା ହିଁ ଓଡ଼ିଆ ଜାତିର ପରିଚୟ ଓ ଏଥିରେ କୌଣସି ଆଞ୍ଚଳିକତାର ସମ୍ପର୍କ ନାହିଁ ।

ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ ଅଧ୍ୟାପକ ତଥା କବି ବିପିନ ନାୟକ କହିଲେ ଯେ ସାହିତ୍ୟ ମାନବ ଜୀବନରେ ଏକ କଳାତ୍ମକ ପରିପ୍ରକାଶ ଓ ଏଥିପାଇଁ ଭାଷାର ଆବଶ୍ୟକତା ନିଶ୍ଚିତ ଭାବେ ରହିଛି । ଓଡ଼ିଆ ଭାଷା କାଳଜୟୀ ଏବଂ ଏହା ପ୍ରତି କୌଣସି ବିପଦ ନଥିବା ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଉତ୍ତର ଆନ୍ଧ୍ର ସଂଖ୍ୟା ଲଘୁ ସଂଘର ସଭାପତି ଶ୍ରୀ ସତ୍ୟନାରାୟଣ ପାଢ଼ୀ, ଓଡ଼ିଆ ଶିକ୍ଷକ ସଂଘର ସଭାପତି ଅନନ୍ତ କୁମାର ମହାପାତ୍ର ଏବଂ ସମ୍ପାଦକ ସୁରେଶ ଚନ୍ଦ୍ର ପଣ୍ଡା ଓ ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦାନ କରି ଏକାଡେମୀର ଏହି ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ଏକାଡେମୀର ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ବିଚ୍ଛିନ୍ନାଞ୍ଚଳର ଶିକ୍ଷାନୁଷ୍ଠାନ ଗୁଡ଼ିକରେ କାର୍ଯ୍ୟରତ ଓଡ଼ିଆ ଶିକ୍ଷକ ଓ ସ୍ଥାନୀୟ ବ୍ୟକ୍ତିଗଣ ଓଡ଼ିଆ ଭାଷାର ସୁରକ୍ଷା, ଅଧ୍ୟୟନ ଓ ଶିକ୍ଷାଦାନ ନିମନ୍ତେ ଉଦ୍ୟମ ଜାରି ରଖିଥିବା ସ୍ୱୀୟ ଭାଷଣ ପ୍ରସଙ୍ଗରେ କହିଥିଲେ ।

ଅପରାହ୍ନରେ ଏକାଡେମୀର ସଦସ୍ୟ ଶ୍ରୀ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ପାଠର ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ୫୦ ରୁ ଉର୍ଦ୍ଧ୍ୱ କବିତା ପାଠ କରାଯାଇଥିବାବେଳେ ଏଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା ଓ ଶ୍ରୀ ସୁଶାନ୍ତ କୁମାର ଦାସ । ଏହି କବିତା ଆସରରେ ଶ୍ରୀ ଭୁବନେଶ୍ୱର ପଟ୍ଟନାୟକ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିଥିଲେ । ଶେଷରେ ଚକ୍ରପାଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭକ୍ତକବି ବଳରାମ ଦାସଙ୍କ ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଞ୍ଚସଖା ଭକ୍ତ ବଳରାମ ଦାସ ସ୍ମୃତି ସଂସଦଙ୍କ ସହଯୋଗରେ ଭକ୍ତକବି ବଳରାମ ଦାସଙ୍କ ମହାପ୍ରୟାଣ ତିଥି ତା ୨୦.୧.୧୫ ରିଖ ଅପରାହ୍ନ ୨ ଘଣ୍ଟା ସମୟରେ ପୁରୀ ଜିଲ୍ଲା ଏରବଙ୍ଗସ୍ଥ ବଳରାମ ମନ୍ଦିର ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ପଂଚସଖା ଭକ୍ତ ବଳରାମ ଦାସ ସ୍ମୃତି ସଂସଦର ସଭାପତି ଶ୍ରୀ ହଟକିଶୋର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ନିମାପଡ଼ାର ମାନ୍ୟବର ବିଧାୟକ ଶ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି, ଅବସର ପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡକ୍ଟର ବଳରାମ ଦାସ ମୁଖ୍ୟବକ୍ତା ଓ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## କବି ଯଦୁମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ କବିତା ଆସର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ଯଦୁମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ କବିତା ଆସର ନୟାଗଡ଼ସ୍ଥ ଇଟାମାଟିଠାରେ ତା ୮.୧.୧୫ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧ୍ୟାପକ ଅଶୋକ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଆଲୋଚନାଚକ୍ର ଅଧିବେଶନରେ "ଓଡ଼ିଆ ସାହିତ୍ୟରେ ଯଦୁମଣି" ବିଷୟକ ଆଲୋଚନା କରାଯାଇଥିଲା । ଏଥିରେ ଶ୍ରୀ ହେମନ୍ତ କୁମାର ପାଢ଼ୀ ଜିଲ୍ଲାପାଳ ନୟାଗଡ଼ ମୁଖ୍ୟଅତିଥି, ଶ୍ରୀ ରାମଚନ୍ଦ୍ର ମିଶ୍ର ଓ ଶ୍ରୀ ବଂଶୀଧର ସାହୁ ସମ୍ମାନନୀୟ ଅତିଥି, ଡକ୍ଟର ପବିତ୍ର ସୁବୁଦ୍ଧି ଓ ଶ୍ରୀ ପ୍ରମୋଦ କୁମାର ପଟ୍ଟନାୟକ ସମ୍ମାନନୀୟ ବକ୍ତା ଓ ଶ୍ରୀ କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟାଦର୍ଶରେ ଅନୁପ୍ରାଣିତ ହୋଇ ଯଦୁମଣି ବିଭିନ୍ନ ରାଗରାଗିଣୀ-ଅଳଙ୍କାର ସମନ୍ୱିତ କାବ୍ୟ ଚଉପଦୀ, ଭଜନ ଜଣାଣ ଓ ଗୀତିକବିତାମାନ ରଚନାକରି ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଯାଇଛନ୍ତି । ସେ ଥିଲେ ଆଶୁକବି, ହାସ୍ୟରସିକ, ବ୍ୟଙ୍ଗକାର, ତାଙ୍କର ହାସ୍ୟରସାତ୍ମକ କବିତା ଅତ୍ୟନ୍ତ ରସସିକ୍ତ ଓ ଶ୍ରୁତିମଧୁର । ଅଧିବେଶନ ଶେଷରେ ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ କବିତା ଆସର ଅଧିବେଶନ ଅପରାହ୍ନ ୨.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ଆସରରେ ଶ୍ରୀ ରବୀନ୍ଦ୍ର ନାଥ ସାହୁ ନୟାଗଡ଼ର ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟଅତିଥି, ସାହିତ୍ୟିକ ଶ୍ରୀ ବିଜୟ ମଲ୍ଲ , ଶ୍ରୀମତୀ ସୁନୀତି ମୁଣ୍ଡ ଓ ଶ୍ରୀ ରକ୍ଷକ ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି କବିତା ଆସରର କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀ ବିରଞ୍ଚି ନାରାୟଣ ତ୍ରିପାଠୀ ଓ ଶ୍ରୀ ଅଶୋକ ମଲ୍ଲ । ଏଥିରେ ପଚାଶରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତାଗୁଡ଼ିକ ପାଠକରାଯାଇଥିଲା । ଶେଷରେ ଶ୍ରୀ ଫକୀର ଚରଣ ବୈରୀ ରଞ୍ଜନଙ୍କ ଦ୍ୱାରା କାର୍ଯ୍ୟକ୍ରମର ଉପସଂହାର କରାଯାଇଥିଲା ।

## ଫତୁରାନନ୍ଦଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ହାସ୍ୟ ମହୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ, ଏକାମ୍ର ପୁସ୍ତକ ମହୋତ୍ସବ ଓ ଫତୁରାନନ୍ଦଙ୍କ ପ୍ରତିଷ୍ଠିତ ହାସ୍ୟବିକାଶ କେନ୍ଦ୍ର କଟକଙ୍କ ମିଳିତ ପ୍ରୟାସରେ ବିଶିଷ୍ଟ ହାସ୍ୟରସ ସ୍ରଷ୍ଟା ଫତୁରାନନ୍ଦଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ "ହାସ୍ୟ ମହୋତ୍ସବ" ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ତା ୧.୩.୧୫ ଓ ତା ୨.୩.୧୫ ରିଖ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି ।

ତା ୧.୩.୧୫ ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ଏ ଉପଲକ୍ଷେ ବ୍ୟଙ୍ଗ ଚିତ୍ର ପ୍ରଦର୍ଶନୀ ଓ ବ୍ୟଙ୍ଗ ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା । ଏଥିରେ ପଦ୍ମ ବିଭୂଷଣ ଶ୍ରୀ ରଘୁନାଥ ମହାପାତ୍ର ଉଦ୍‌ଘାଟକ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ କ୍ରିଷ୍ଣ ମୋହନ ତ୍ରିବେଦୀ ମୁଖ୍ୟଅତିଥି ଓ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ଶ୍ରୀ ଶିବ ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ ।

ତା ୨.୩.୧୫ ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ବ୍ୟଙ୍ଗ କବି ସମ୍ମିଳନୀ, ବ୍ୟଙ୍ଗ ପୁସ୍ତକ ଉନ୍ମୋଚନ, ବ୍ୟଙ୍ଗ ନାଟକ ପ୍ରଦର୍ଶନ ଓ ଅଭିନୟ ଏବଂ ଫତୁରାନନ୍ଦଙ୍କ ସାହି ମହାଭାରତ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାକୁ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଉଦ୍‌ଘାଟନ କରିଥିଲେ । ଏଥିରେ ଦୈନିକ ସମ୍ବାଦର ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି, ହାସ୍ୟ ବିକାଶ କେନ୍ଦ୍ର, କଟକର ସମ୍ପାଦକ ଡକ୍ଟର ବିଜୟାନନ୍ଦ ସିଂହ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକାମ୍ର ପୁସ୍ତକ ମହୋତ୍ସବର ଉପଦେଷ୍ଟା ଡକ୍ଟର ଅଚ୍ୟୁତ ସାମନ୍ତ ପୌରୋହିତ୍ୟ କରିଥିଲେ । ଶେଷରେ ଭାସ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାଳ୍ପିକ ଜଗଦୀଶ ମହାନ୍ତିଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜଗଦୀଶ ମହାନ୍ତି ଫାଉଣ୍ଡେସନଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ କେଶରୀ ହୋଟେଲରେ ତା ୧୭.୨.୧୫ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ଗାଳ୍ପିକ ଜଗଦୀଶ ମହାନ୍ତିଙ୍କ ଜୟନ୍ତୀ ଉପଲକ୍ଷେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି ।

ଜଗଦୀଶ ମହାନ୍ତି ଫାଉଣ୍ଡେସନର ସଭାପତି ସରୋଜିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଲେ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଲାବେଳେ ଲେଖକମାନେ ନିରପେକ୍ଷତା ଅବଲମ୍ବନ କରିବା ଉଚିତ । ଲେଖକ ଓ ସେମାନଙ୍କ ସୃଷ୍ଟିର ଯଥାର୍ଥ ଆକଳନ କରି ସେମାନଙ୍କୁ ଉଚିତ ସାରସ୍ୱତ ନ୍ୟାୟ ପ୍ରଦାନ କରିପାରିଲେ ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ । ଓଡ଼ିଆ ସମାଲୋଚନା ଓ ସମୀକ୍ଷା ସାହିତ୍ୟରେ ନିରପେକ୍ଷତା ଅବଲମ୍ବନ ଜରୁରୀ ବୋଲି ଶ୍ରୀ ହୋତା ପୁନର୍ବାର ମତ ପ୍ରକାଶ କରିଥିଲେ ।

ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଏହି ସଭାରେ ଯୋଗଦେଇ ଜଗଦୀଶଙ୍କୁ ଜଣେ କାଳଜୟୀ ଓଡ଼ିଆ ଗାଳ୍ପିକ ବୋଲି କହିଥିଲେ ।

ସଭାର ଅଧ୍ୟକ୍ଷା ସରୋଜିନୀ ସାହୁ ସ୍ୱୀୟ ଭାଷଣ ପ୍ରସଙ୍ଗରେ ଜଗଦୀଶ ଜଣେ ସଫଳ ଓଡ଼ିଆ ଗଦ୍ୟ ସ୍ରଷ୍ଟା ଥିଲେ ଓ ସେ ଯେଉଁଳି ସରଳ ତାଙ୍କ ଗଳ୍ପ ସେମିତି ସରଳ ବୋଲି କହିଥିଲେ ।

ପ୍ରାରମ୍ଭରେ କଥାକାର ସରୋଜ ବଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗାଳ୍ପିକ ଆଶିଷ ଗଡ଼ନାୟକ, ଅମରେଶ ବିଶ୍ୱାଳ, ଶକ୍ତି ମହାନ୍ତି, ନେତାଜୀ ଅଭିନନ୍ଦନ, ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ସ୍ୱୀୟ ସନ୍ଦର୍ଭ ପାଠ କରିଥିଲେ ।

## ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭକ୍ତକବି ମଧୁସୂଦନ ରାଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୪.୧.୧୫ ରିଖ ଅପରାହ୍ନ ୩.୦୦ ଘଣ୍ଟା ସମୟରେ ପୁରୀସ୍ଥ ଚନ୍ଦ୍ରଶେଖର ପାଠାଗାର ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ଅର୍ଥ ସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାହିତ୍ୟିକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଲେ ଓଡ଼ିଆ ବର୍ଣ୍ଣବୋଧ ଭକ୍ତକବିଙ୍କ ଏକ କାଳଜୟୀ ପୁସ୍ତକ । ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବାରେ ଯେଉଁ କେତୋଟି ଗ୍ରନ୍ଥର ଅବଦାନ ରହିଛି ସେଥିରେ ମଧୁସୂଦନଙ୍କ ବର୍ଣ୍ଣବୋଧ, ସାରଳା ମହାଭାରତ ଏବଂ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡକ୍ଟର ତୁଳସୀ ଓଝା ଭକ୍ତକବି ମଧୁସୂଦନଙ୍କୁ ଜଣେ ସର୍ବଶ୍ରେଷ୍ଠ ସାରସ୍ୱତ ସାଧକ ଭାବେ ବର୍ଣ୍ଣନା କରିଥିଲେ । ଏହି ସଭାରେ ସାହିତ୍ୟିକା ଡକ୍ଟର ମନୋରମା ମହାପାତ୍ର ବିଶ୍ୱାଳ ସମ୍ମାନନୀୟା ଅତିଥି ଭାବେ ଯୋଗଦେଇଥିଲେ ।

ପ୍ରାରମ୍ଭରେ ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦାସଙ୍କ ଜୟନ୍ତୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରୀ ଅଚ୍ୟୁତ ଯୁବ ପରିଷଦଙ୍କ ସହଯୋଗରେ ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୩୦.୧.୧୫ ରିଖ ମାଘ ଶୁକ୍ଳ ଏକାଦଶୀ ତିଥି ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ କବିଙ୍କ ଜନ୍ମପୀଠ କଟକ ଜିଲ୍ଲା ନେମାଳ ନିକଟବର୍ତ୍ତୀ ତିଳକଣାଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସାହିତ୍ୟିକ ଶ୍ରୀ ଅକ୍ଷୟ ଦାସ ସମ୍ମାନନୀୟ ଅତିଥି ଶ୍ରୀ ପ୍ରଭାତ କିଶୋର ନାୟକ ମୁଖ୍ୟବକ୍ତା ଓ ଶ୍ରୀ ଗୋଲକ ଚନ୍ଦ୍ର ମହାପାତ୍ର ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରିଥିଲେ । ସଭାର ପ୍ରାରମ୍ଭରେ ଏକାଡେମୀର ପ୍ରକାଶନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ସାରସ୍ୱତ ସାଧକ ଶ୍ୟାମସୁନ୍ଦର ରାଜଗୁରୁ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ୟାମସୁନ୍ଦର ବିଦ୍ୟାଳୟ କମିଟି ଓ ଶ୍ୟାମସୁନ୍ଦର ସ୍ମୃତି କମିଟିର ମିଳିତ ସହଯୋଗରେ ସାରସ୍ୱତ ସାଧକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୨.୧୫ ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ପାରଳାଖେମୁଣ୍ଡିସ୍ଥିତ ଶ୍ୟାମସୁନ୍ଦର ରାଜଗୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଆଚାର୍ଯ୍ୟ ବିନୋଦଚନ୍ଦ୍ର ଜେନା ମୁଖ୍ୟଅତିଥି, ଶ୍ରୀ ଲିଙ୍ଗରାଜ ପ୍ରସାଦ ଦାସ ସମ୍ମାନନୀୟ ଅତିଥି ଓ ଅଧ୍ୟାପିକା କଲ୍ୟାଣୀ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯାଇଥିବା ବେଳେ ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କ ଜୟନ୍ତୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଓଡ଼ିଶା ଲେଖିକା ସଂସଦ, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୮.୨.୧୫ ରିଖ ଅପରାହ୍ନ ୩.୦୦ ଘଣ୍ଟା ସମୟରେ ଖୋର୍ଦ୍ଧାସ୍ଥ ଜିଲ୍ଲା ସଂସ୍କୃତି ଭବନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଶ୍ରୀ ବୈକୁଣ୍ଠନାଥ ରାଜଗୁରୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ରାଜେନ୍ଦ୍ର କୁମାର ସାହୁ ମାନ୍ୟବର ବିଧାୟକ ଖୋର୍ଦ୍ଧା ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଆଦରମଣୀ ବରାଳ, ଡକ୍ଟର ଶକୁନ୍ତଳା ବଳିଆରସିଂହ ଓ ଶ୍ରୀମତୀ କାନନବାଳା ପଟ୍ଟନାୟକ ସମ୍ମାନନୀୟ ଅତିଥି ଏବଂ ଶ୍ରୀ କୃପାସିନ୍ଧୁ ମିଶ୍ର ଅତିରିକ୍ତ ଜିଲ୍ଲାପାଳ ଖୋର୍ଦ୍ଧା ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ପାଳନ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କୃପାସିନ୍ଧୁ ସ୍ମୃତି ସମିତିଙ୍କ ସହଯୋଗରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୧୨.୨.୧୫ ରିଖ ଅପରାହ୍ନ ୩.୦୦ ଘଣ୍ଟା ସମୟରେ ପୁରୀ ନିକଟସ୍ଥ ବୀର ପ୍ରତାପପୁର ଶାସନରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି ।

ଏକାଡେମୀର ଅର୍ଥସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ସଭାପତି ଶ୍ରୀ ପ୍ରାଣକୃଷ୍ଣ ମହାପାତ୍ର ସମ୍ମାନନୀୟ ଅତିଥି ଓ ପୂର୍ବତନ ଆରକ୍ଷୀ ମହାନିରୀକ୍ଷକ ଶ୍ରୀ ସାରଙ୍ଗଧର ରାୟଗୁରୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ଏହି ସଭାର ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଦିକବି ସାରଳା ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୨୬.୧.୧୫ରିଖ ସଂଖ୍ୟା ୬.୦୦ ଘଣ୍ଟା ସମୟରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅନ୍ତର୍ଗତ ତେନ୍ତୁଳିପଦାସ୍ଥ ସାରଳାଦାସଙ୍କ ସମାଧିପୀଠ ମୁନିଗୋସାଇଁ ମଠ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି ।

ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଗୌରହରି ଦାସ ସମ୍ମାନନୀୟ ଅତିଥି, ପ୍ରଫେସର ରଜତ କୁମାର କର ମୁଖ୍ୟବକ୍ତା ଓ ଶ୍ରୀ କାଳୀ ପ୍ରସନ୍ନ ପରିଜା ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରିଥିଲେ । ଶେଷରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅଭିମନ୍ୟୁ ସାହିତ୍ୟ ପରିଷଦଙ୍କ ସହଯୋଗରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୬.୧.୧୫ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ଯାଜପୁର ଜିଲ୍ଲାର ଅଭିମନ୍ୟୁ ବାଲିଆଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି ।

ଅଭିମନ୍ୟୁ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଦେବ ପ୍ରସାଦ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାହିତ୍ୟିକ ବୈରାଗୀ ଚରଣ ଜେନା ମୁଖ୍ୟଅତିଥି, ଡକ୍ଟର ଭାଗବତ ଶୁକ୍ଳ ମୁଖ୍ୟବକ୍ତା ଓ ଡକ୍ଟର ରବୀନ୍ଦ୍ର କୁମାର ବିହାରୀ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ପ୍ରକାଶନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ପ୍ରସିଦ୍ଧ ଟୀକାକାର ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦଙ୍କ ସହଯୋଗରେ ପ୍ରସିଦ୍ଧ ଟୀକାକାର ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୬.୧.୧୫ରିଖ ଅପରାହ୍ନ ୫.୦୦ ଘଣ୍ଟା ସମୟରେ ରେମୁଣା ନିକଟବର୍ତ୍ତୀ ପଣ୍ଡିତଙ୍କ ଜନ୍ମପୀଠ ମୟୂରଗ୍ରାମରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଡକ୍ଟର ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଭାଗବତ ବେହେରା ମୁଖ୍ୟବକ୍ତା ଓ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା ।

# ରାୟଗଡ଼ାଠାରେ ଆଲୋଚନାଚକ୍ର ଓ କବିତାପାଠ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାୟଗଡ଼ାସ୍ଥ ମହିଳା ମହାବିଦ୍ୟାଳୟଠାରେ ତା ୨୨.୨.୧୫ରିଖ ପୂର୍ବାହ୍ନ ୧୦.୦୦ ଘଣ୍ଟା ସମୟରେ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ଓ ଅପରାହ୍ନ ୨.୩୦ ଘଣ୍ଟା ସମୟରେ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏକାଡେମୀର ସଦସ୍ୟ ଶ୍ରୀ ସୁଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ପୂର୍ବାହ୍ନ ୧୦.୦୦ ଘଣ୍ଟା ସମୟରେ ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକଭାବେ ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ଶ୍ରୀ ଏନ୍‌ ଭାସ୍କର ରାଓ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ରାୟଗଡ଼ା ଜିଲ୍ଲାପାଳ ଡକ୍ଟର ଶଶିଭୂଷଣ ପାଢ଼ୀ, ସମ୍ମାନନୀୟ ଅତିଥି ଭାବେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଉଦୟନାଥ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଆଦିକନ୍ଦ ସାହୁ ଯୋଗଦାନ କରିଥିଲେ।

ପୂର୍ବାହ୍ନ ୧୧.୩୦ ଘଣ୍ଟା ସମୟରେ 'ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ସୃଷ୍ଟିରେ ଶୋଷିତ ବନବାସୀର ଚିତ୍ର' ବିଷୟକ ଆଲୋଚନା କାର୍ଯ୍ୟକ୍ରମ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ପ୍ରଦୀପ କୁମାର ମିଶ୍ର, ଡକ୍ଟର କୁମୁଦ ଚନ୍ଦ୍ର ମିଶ୍ର, ଡକ୍ଟର କମଳାକୃଷ୍ଣ ତ୍ରିପାଠୀ, ଶ୍ରୀ ନୀଳଲୋହିତ ମହାପାତ୍ର, ଶ୍ରୀ ସତ୍ୟନାରାୟଣ ଗନ୍ତାୟତ, ଶ୍ରୀ ବାସୁଦେବ ପାତ୍ର, ଶ୍ରୀ ତପନ କୁମାର ଶତପଥୀ, ଶ୍ରୀ ଡମ୍ବରୁଧର ପଟ୍ଟନାୟକ ସମ୍ମାନନୀୟ ପ୍ରାବନ୍ଧିକ ଓ ଆଲୋଚକଭାବେ ଯୋଗଦାନ କରି ଗୋପୀନାଥ ମହାନ୍ତିଙ୍କ ସୃଷ୍ଟି ବର୍ଣ୍ଣିତ ବନବାସୀଙ୍କର ସାମାଜିକ ସ୍ଥିତି ଉପରେ ଗୁରୁତ୍ୱଆରୋପ କରିଥିଲେ।

ଅପରାହ୍ନ ୨.୩୦ ଘଣ୍ଟା ସମୟରେ ଶ୍ରୀ ପ୍ରଦୀପ କୁମାର ହୋତାଙ୍କ ପୌରୋହିତ୍ୟରେ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନନୀୟ ଅତିଥିଭାବେ ଡକ୍ଟର ନିରଞ୍ଜନ ବକ୍ସିପାତ୍ର, ଶ୍ରୀ ଗୋପୀନାଥ ସାହୁ, ସମ୍ମାନନୀୟ ବକ୍ତା ଭାବେ ଅଧ୍ୟାପକ ରବି ଶତପଥୀ ଓ ଶ୍ରୀ ଦ୍ୱିତୀ ଚନ୍ଦ୍ର ସାହୁ ଯୋଗଦାନ କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱୀୟ କବିତାଗୁଡ଼ିକ ପାଠ କରିଥିଲେ। କବିତାଗୁଡ଼ିକ ସଂଯୋଜନା କରିଥିଲେ ଶ୍ରୀ ଆଶୁତୋଷ ପାତ୍ର ଓ ଶ୍ରୀ ନୀଳମଣି ପାଟଯୋଶୀ।

# ଦାରିଙ୍ଗବାଡ଼ିଠାରେ ଶୀତ ଉତ୍ସବ-୨୦୧୫




ରାଜ୍ୟ ସଂସ୍କୃତି ବିଭାଗ ଓ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାରିଙ୍ଗବାଡ଼ିଠାରେ ତା ୯.୧.୧୫ରିଖରୁ ତା ୧୧.୧.୧୫ରିଖ ପର୍ଯ୍ୟନ୍ତ ଶୀତ ଉତ୍ସବ-୨୦୧୫ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପରିପ୍ରେକ୍ଷୀରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୧୦.୧.୧୫ ରିଖ ଅପରାହ୍ନ ୧.୦୦ ଘଣ୍ଟା ସମୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି।

ମିଶ୍ର ସତ୍ୟନାରାୟଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବି ସମରେନ୍ଦ୍ର ମହାପାତ୍ର, ସମ୍ମାନନୀୟ ଅତିଥି ଭାବେ ସରୋଜ ବଳ ଓ କମଳ ମହାନ୍ତି ଯୋଗଦାନ କରିଥିଲେ। ଏହି କବିତା ପାଠୋତ୍ସବରେ ୫୦ ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତାଗୁଡ଼ିକ ପାଠ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ବିଦେଶୀ ନାୟକ ଓ ପୁଷ୍ପାଞ୍ଜଳି ମିଶ୍ର ।

# ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରଫୁଲ୍ଲ ପାଠାଗାରର ମିଳିତ ସହଯୋଗରେ ପ୍ରଖ୍ୟାତ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ଜନ୍ମ ସ୍ଥାନ ଜଗତସିଂହପୁର ଜିଲ୍ଲାସ୍ଥ ପୁରୁଣାଗଡ଼ଠାରେ ପ୍ରଫୁଲ୍ଲ ପାଠାଗାର ସଭାଗୃହରେ ଏକ ସାହିତ୍ୟ ସଭା ତା ୧.୧.୧୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟକାର ବିଜୟ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଗୋପାଳ ଛୋଟରାୟଙ୍କୁ ଭକ୍ତିପୂତ ଶ୍ରଦ୍ଧା ନିବେଦନ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ପ୍ରେମାନନ୍ଦ ମହାପାତ୍ର ଗୋପାଳ ଛୋଟରାୟଙ୍କ ସମସ୍ତ ନାଟକର ତତ୍ତ୍ୱ ସମ୍ପର୍କରେ ବିଶଦ୍‌ ବିବରଣୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପ୍ରଫୁଲ୍ଲ ପାଠାଗାରର ସଭାପତି ଶ୍ରୀ ବଂଶୀଧର ଆଚାର୍ଯ୍ୟ ଏହି ଜୟନ୍ତୀ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଶ୍ରୀ ବିଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ପ୍ରଯୋଜନା ଅଧିକାରୀ ରବି ନାରାୟଣ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ବିଶିଷ୍ଟ ଶିଶୁ ସାହିତ୍ୟିକ ରମେଶ ଭଞ୍ଜଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ବିଶିଷ୍ଟ ଶିଶୁ ସାହିତ୍ୟିକ, ଆଦର୍ଶ ଶିକ୍ଷାବିତ୍‌ ତଥା ଭାଷାବିତ୍‌ ରମେଶ ଚନ୍ଦ୍ର ଭଞ୍ଜଙ୍କର ତା ୧୮.୩.୧୫ରିଖ ବୁଧବାର ରାତି ୮.୩୫ ମିନିଟରେ ୭୬ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ରଚିତ 'ଗପ ଗଣ୍ଠିଲି' ପୁସ୍ତକ ୧୯୮୨ ମସିହାରେ ଶିଶୁ ସାହିତ୍ୟ ବିଭାଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛି। ତାଙ୍କର ବିୟୋଗରେ ଓଡ଼ିଆ ବାଣୀଭଣ୍ଡାରର ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏଥିପାଇଁ ଏକାଡେମୀ ପକ୍ଷରୁ ଶୋକସଭା ଆୟୋଜନ କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍‌ ନୀରବ ପ୍ରାର୍ଥନା କରାଯାଇଥିଲା।



# ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୧.୧.୧୫ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପ୍ରବଚକ ଡକ୍ଟର ବ୍ରଜ କିଶୋର ସ୍ୱାଇଁ, ତା ୨୮.୨.୧୫ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ବିପିନ ବିହାରୀ ମିଶ୍ର ଏବଂ ତା ୩୧.୩.୧୫ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସତ୍ୟାନନ୍ଦ ଚମ୍ପତିରାୟଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଓଡ଼ିଆ ସାହିତ୍ୟର ସୁବିଖ୍ୟାତ ଲେଖକ, ପ୍ରବୀଣ ରାଜନୀତିଜ୍ଞ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ଉପସଭାପତି ସତ୍ୟାନନ୍ଦ ଚମ୍ପତିରାୟ ତା ୮.୩.୧୫ ରିଖରେ ପରଲୋକ ଗମନ କରିଛନ୍ତି । ୧୯୨୭ ମସିହା ଅକ୍ଟୋବର ମାସ ୭ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ହଜ୍‌ଠାରେ ଜନ୍ମଗ୍ରହଣ କରିଥିବା ଚମ୍ପତିରାୟଙ୍କ ମୃତ୍ୟୁବେଳକୁ ୮୮ ବର୍ଷ ବୟସ ହୋଇଥିଲା । ୧୯୭୨ ରୁ ୧୯୭୮ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ପଦ ଅଳଙ୍କୃତ କରି ସାରସ୍ୱତ ସଙ୍ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ହାସଲ କରିଥିଲେ । ତାଙ୍କର ସାମଗ୍ରୀକ ସାହିତ୍ୟ କୃତି ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୧୯୯୨ ମସିହାରେ ତାଙ୍କୁ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ ଭାବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ତାଙ୍କର ବିୟୋଗରେ ଏକାଡେମୀ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କାନନ୍ ମିଶ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ସୁସାହିତ୍ୟିକା, ଶିକ୍ଷାବିତ୍ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖିକା କାନନ୍ ମିଶ୍ର ତା ୭.୩.୧୫ରିଖରେ ପରଲୋକ ଗମନ କରିଛନ୍ତି । ୧୯୪୪ ମସିହା ଜାନୁଆରୀ ମାସ ୨ ତାରିଖରେ କଟକ ସହରରେ ସେ ଜନ୍ମଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା । ତାଙ୍କ ଅନୁଦିତ 'ସୂର୍ଯ୍ୟମୁଖୀର ସ୍ୱପ୍ନ' ପୁସ୍ତକ ନିମନ୍ତେ ସେ ୨୦୦୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ।

ତାଙ୍କର ବିୟୋଗରେ ଏକାଡେମୀ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

# ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଚାର୍ଯ୍ୟ ଯୁବ ପରିଷଦଙ୍କ ସହଯୋଗରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୨.୧୫ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଶାସନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ଅର୍ଥସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର ମୁଖ୍ୟଅତିଥି, ଶ୍ରୀ ଛାୟାକାନ୍ତ ମିଶ୍ର ସମ୍ମାନନୀୟ ଅତିଥି, ଶ୍ରୀ ସଦାଶିବ ମିଶ୍ର ଓ ଡକ୍ଟର ଶ୍ରୀକାନ୍ତ ମିଶ୍ର ସମ୍ମାନନୀୟ ବକ୍ତାଭାବେ ଯୋଗଦାନ କରି ଆଚାର୍ଯ୍ୟ ହରିହରଙ୍କ କର୍ମମୟ ଜୀବନ ବିଷୟରେ ଆଲୋଚନା କରିଥିଲେ । ସେ ଥିଲେ ଜଣେ ସଙ୍ଗଠକ ଓ ଆଦର୍ଶ ଶିକ୍ଷକ । ଜନସେବାକୁ ସେ ଜୀବନର ବ୍ରତ ରୂପେ ଧରିନେଇଥିଲେ ବୋଲି ବକ୍ତା ଓ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ସନ୍ଥକବି ଭୀମଭୋଇଙ୍କ ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମହାନଦୀ ସାହିତ୍ୟ ସଂସଦ, ସୁବର୍ଣ୍ଣପୁରଙ୍କ ସହଯୋଗରେ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୧୮.୨.୧୫ରିଖ ସନ୍ଧ୍ୟା ୫ ଘଣ୍ଟା ସମୟରେ ସୋନପୁରସ୍ଥ ଡି.ଆର.ଡ଼ି.ଏ ସଭାଗୃହରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ମହାନଦୀ ସାହିତ୍ୟ ସଂସଦର ସଭାପତି ଶ୍ରୀ ସୌରଭ ରଞ୍ଜନ ଖମାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ ଉପଜିଲ୍ଲାପାଳ ସୁବର୍ଣ୍ଣପୁର ମୁଖ୍ୟଅତିଥି, ଶିକ୍ଷାବିତ୍ ଶ୍ରୀ ହରପ୍ରସାଦ ରଥ ଓ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀ ପୁରୁଷୋତ୍ତମ ମିଶ୍ର ସମ୍ମାନନୀୟ ଅତିଥି ଏବଂ ଡକ୍ଟର ବିଭୂତି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ବିଶିଷ୍ଟ ସାହିତ୍ୟିକ ଲକ୍ଷ୍ମୀଧର ନାୟକଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କଲଚରାଲ ଏକାଡେମୀର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା କଲଚରାଲ ଏକାଡେମୀର ପ୍ରତିଷ୍ଠାତା ସଦସ୍ୟ ଲକ୍ଷ୍ମୀଧର ନାୟକଙ୍କ ଜନ୍ମ ଶତବାର୍ଷିକୀ ତା ୧୭.୧.୧୫ ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ରାଉରକେଲାସ୍ଥ କଲଚରାଲ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

କଲଚରାଲ ଏକାଡେମୀର ସଭାପତି ଡକ୍ଟର ପ୍ରଭାତ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶ୍ରୀ ସୁଶୀଲ କୁମାର ଦାସ ମୁଖ୍ୟଅତିଥି, ସାହିତ୍ୟିକ ଡକ୍ଟର କୃଷ୍ଣଚନ୍ଦ୍ର ଭୂୟାଁ ମୁଖ୍ୟବକ୍ତା ଓ ରାଉରକେଲା ଇସ୍ପାତ କାରାଖାନାର ଉପ ମହା ପରିଚାଳକ ତଥା ସଂଚାର ମୁଖ୍ୟ ଶ୍ରୀ ରମେନ୍ଦ୍ର କୁମାର ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରି ଲକ୍ଷ୍ମୀଧର ନାୟକଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ସାମଗ୍ରିକ ସାହିତ୍ୟ ବିଷୟରେ ଆଲୋଚନା କରିଥିଲେ । ଶେଷରେ କଲଚରାଲ ଏକାଡେମୀର ସାଧାରଣ ସମ୍ପାଦକ ଅକ୍ଷୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଞ୍ଜନଗରଠାରେ ଜିଲ୍ଲାସ୍ତରୀୟ ସାରସ୍ୱତ ଆସର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଞ୍ଜନଗରସ୍ଥ ବ୍ଲକ ସଭାକକ୍ଷରେ ତା ୭.୨.୧୫ରିଖ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ "ଆଧୁନିକ ଓଡ଼ିଆ କବିତାରେ ସାଂସ୍କୃତିକ ପ୍ରତ୍ୟାବର୍ତ୍ତନର ସ୍ୱର" ବିଷୟକ ଆଲୋଚନା କାର୍ଯ୍ୟକ୍ରମ ଓ ଅପରାହ୍ନ ୨.୩୦ ଘଣ୍ଟା ସମୟରେ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା ।

ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମରେ ସୁଶ୍ରୀ ଅମୀୟବାଳା ପଟ୍ଟନାୟକ ମୁଖ୍ୟଅତିଥି, ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ସମ୍ମାନନୀୟ ଅତିଥି, ଡକ୍ଟର ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରି "ଆଧୁନିକ ଓଡ଼ିଆ କବିତାରେ ସାଂସ୍କୃତିକ ପ୍ରତ୍ୟାବର୍ତ୍ତନର ସ୍ୱର" ବିଷୟରେ ଆଲୋଚନା କରିଥିଲେ ।

ଅପରାହ୍ନ ୨.୩୦ ଘଣ୍ଟା ସମୟରେ ଅନୁଷ୍ଠିତ କବିତାପାଠ କାର୍ଯ୍ୟକ୍ରମରେ କବି ସୋମନାଥ ନାୟକ ପୌରୋହିତ୍ୟ କରିଥିଲେ । ଏଥିରେ ୫୦ ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତାଗୁଡ଼ିକ ପାଠ କରିଥିଲେ । କବିତାଗୁଡ଼ିକୁ ସଂଯୋଜନା କରିଥିଲେ କବି ବିଧ୍ୟାଧର ଷଡଙ୍ଗୀ ଓ କବି ସୁଶାନ୍ତ କୁମାର ପଟ୍ଟନାୟକ ।

# ଶ୍ରୀଲିଙ୍ଗରାଜାୟନ



ଶୈବ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ଦେଶୀୟ ତଥା ଅନ୍ତର୍ଦେଶୀୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ଭୁବନେଶ୍ୱରଠାରେ ପ୍ରତି ମାସରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀଲିଙ୍ଗରାଜାୟନ ଆୟୋଜନ କରାଯାଇଥାଏ । ଏହି ଅଭିନବ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର ବେଢ଼ା ସନ୍ନିକଟ ଲିଙ୍ଗରାଜ ହାଟ ଐତିହ୍ୟ ମଣ୍ଡପଠାରେ ତା ୨୫.୧.୧୫ ରିଖରେ ଅଧ୍ୟାପିକା ଚିନ୍ମୟୀ ସ୍ୱାଇଁ, ତା ୨୨.୨.୧୫ ରିଖରେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ତା ୨୯.୩.୧୫ ରିଖରେ ପଣ୍ଡିତ ପ୍ରଭାକର ମିଶ୍ର ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା । ଏହି ଶାଶ୍ୱତ ସନ୍ଧ୍ୟାରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ ।

# ମଧ୍ୟଯୁଗୀୟ ଭକ୍ତି ସାହିତ୍ୟ ଜାତୀୟ ଆଲୋଚନାଚକ୍ର

ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀଙ୍କ ମିଳିତ ଆନୁକୂଲ୍ୟରେ 'ମଧ୍ୟଯୁଗୀୟ ଭକ୍ତି ସାହିତ୍ୟ ଶୀର୍ଷକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ତା ୨.୧.୧୫ ଓ ତା ୩.୧.୧୫ ରିଖ ଭୁବନେଶ୍ୱରସ୍ଥ ପାନ୍ଥନିବାସ କଳିଙ୍ଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତା ୨.୧.୧୫ ରିଖ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ କବି ତଥା ସାହିତ୍ୟ ଅକାଦେମିର ମହତ୍ତର ସଦସ୍ୟ ରମାକାନ୍ତ ରଥ ଉଦ୍‌ଘାଟକ ଭାବେ ଯୋଗ ଦେଇ କହିଲେ, ଯୋଗ ଓ ଧ୍ୟାନ ଦ୍ୱାରା ଭକ୍ତି ଓ ଭଗବାନଙ୍କ ସାନ୍ନିଧ ପ୍ରାପ୍ତ କରିହୁଏ ନାହିଁ। ବରଂ ପ୍ରେମ ଓ ସମର୍ପଣ ହିଁ ଭକ୍ତିର ଶ୍ରେଷ୍ଠ ମାର୍ଗ ବୋଲି ଦର୍ଶାଇଥିଲେ ।

ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସମାଜ ସଂସ୍କାର ଦିଗରେ ମଧ୍ୟଯୁଗୀୟ ଭକ୍ତି ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ସାତକଡ଼ି ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଦୀପ ଜ୍ୟୋତି ମହନ୍ତ ମୂଳ ଅଭିଭାଷଣ ପ୍ରଦାନ କରିଥିଲେ। ସାହିତ୍ୟ ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଅକାଦେମିର ଓଡ଼ିଆ ପରାମର୍ଶ ପରିଷଦର ଆବାହକ ଗୌରହରି ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ବିଷ୍ଣୁ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ପ୍ରଥମ ଅଧିବେଶନ। 'ମଧ୍ୟଯୁଗୀୟ ବଙ୍ଗଳା ଓ ମୈଥିଳୀ ଭକ୍ତି ସାହିତ୍ୟର ମିଳନ' ଶୀର୍ଷକ ଆଲୋଚନାଚକ୍ରରେ ଅଞ୍ଜନ ସେନ୍ ଓ ଅମଳେନ୍ଦୁ ଶେଖର ପାଠକ ପ୍ରବନ୍ଧ ପାଠ କରିଥିଲେ। ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ 'ଓଡ଼ିଶାରେ ମଧ୍ୟଯୁଗୀୟ ଭକ୍ତି ସାହିତ୍ୟର ସାମାଜିକ ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାଳିଦାସ ମିଶ୍ର ଓ ସୁରେନ୍ଦ୍ର କୁମାର ମିଶ୍ର ଏକ ପ୍ରବନ୍ଧ ପାଠ କରିଥିଲେ।

ଦ୍ୱିତୀୟ ଦିନ ତା ୩.୧.୧୫ରିଖରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ 'ଉତ୍ତର ପୂର୍ବ ମଧ୍ୟଯୁଗୀୟ ଭକ୍ତି ସାହିତ୍ୟ ଓ ଶଙ୍କର ଦେବ' ଶୀର୍ଷକ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀନନ୍ଦନ ବୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ସି. ଯାମିନୀ ଦେବୀ ଏବଂ ନିର୍ମଳ କାନ୍ତି ଭଟ୍ଟାଚାର୍ଯ୍ୟ ପ୍ରବନ୍ଧ ପାଠ କରିଥିଲେ। ରାଜକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚତୁର୍ଥ ଅଧିବେଶନରେ 'ଅତିବଡ଼ୀ ଜଗନ୍ନାଥ ଦାସକୃତ ଭାଗବତର ସାମାଜିକ ଓ ସାଂସ୍କୃତିକ ପ୍ରଭାବ' ଶୀର୍ଷକ ବିଷୟ ଉପରେ ବ୍ରଜ କିଶୋର ସ୍ୱାଇଁ, ଅସିତ୍ ମହାନ୍ତି ଓ ସୁନୀଲ କୁମାର ରଥ ପ୍ରବନ୍ଧ ପାଠ କରିଥିଲେ। ଏଚ୍ ବିହାରୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଚମ ଅଧିବେଶନରେ 'ଭାରତୀୟ ସାହିତ୍ୟକୁ ବିଦ୍ୟାପତି, ଶ୍ରୀଜୟଦେବ, ଆଦିକବି ସାରଳା ଦାସ, ଶଙ୍କର ଦେବ ଓ ଶ୍ରୀଚୈତନ୍ୟଙ୍କ ପ୍ରଭାବ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏନ୍ ଖଗେନ୍ଦ୍ର ସିଂହ, ବି.ଏନ୍ ପଟ୍ଟନାୟକ, ବୁଦ୍ଧିନାଥ ମିଶ୍ର ଓ ସଞ୍ଜିବ ନାଥ ପ୍ରମୁଖ ଏଥିରେ ପ୍ରବନ୍ଧ ପାଠ କରିଥିଲେ।

ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ପର୍ବରେ ବିଶିଷ୍ଟ ଲେଖକ ସୀତାକାନ୍ତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ଗୋପାଳ କୃଷ୍ଣ ରଥ ଅଧ୍ୟକ୍ଷତା କରିଥିଲେ।

# ମୁକ୍ତାକାଶ ସାହିତ୍ୟ ଉତ୍ସବ ଓ ପୁସ୍ତକ ମେଳା

ଓଡ଼ିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ, ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ଓ ଜିଲ୍ଲା ପ୍ରଶାସନ ନବରଙ୍ଗପୁରଙ୍କ ମିଳିତ ସହଯୋଗରେ ମୁକ୍ତାକାଶ ସାହିତ୍ୟ ଉତ୍ସବ ଓ ପୁସ୍ତକ ମେଳା କାକର୍-୨୦୧୫ ତା ୪.୧.୧୫ ରିଖରୁ ତା ୮.୧.୧୫ରିଖ ପର୍ଯ୍ୟନ୍ତ ନବରଙ୍ଗପୁରସ୍ଥ ମଣ୍ଡେଇ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।

ଏକାଡେମୀର ନବରଙ୍ଗପୁର ଜିଲ୍ଲା ସଦସ୍ୟ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ତା ୪.୧.୧୫ରିଖ ସନ୍ଧ୍ୟା ୫.୩୦ ଘଣ୍ଟା ସମୟରେ ଅନୁଷ୍ଠିତ କାକର୍-୨୦୧୫ ଉତ୍ସବର ଉଦ୍‌ଘାଟନୀ ଅଧିବେଶନରେ 'ଆମ ଗାଁ, ଆମ ସାହିତ୍ୟ' ବିଷୟକ ଆଲୋଚନା କରାଯାଇଥିଲା। ଏଥିରେ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ ପୁସ୍ତକ ହେଉଛି ଜ୍ଞାନର ଗନ୍ତାଘର। ଏଭଳି କାର୍ଯ୍ୟକ୍ରମ ସହ ପୁସ୍ତକମେଳା ଜଡ଼ିତ ହୋଇଥିବାରୁ ଛାତ୍ରଛାତ୍ରୀ ଓ ପାଠକମାନଙ୍କ ମଧ୍ୟରେ ରୁଚି ବଢ଼ିବ। ପୁସ୍ତକ ଓ ସାହିତ୍ୟ ହେଉଛି ମଣିଷର ଦର୍ପଣ। ଆଲୋଚକଭାବେ ପ୍ରାଧ୍ୟାପକ ଡକ୍ଟର ବିଜୟ କୁମାର ମିଶ୍ର, ଡକ୍ଟର ସତ୍ୟପ୍ରକାଶ ଦାଶ ଯୋଗଦେଇ ଗାଁ ନାହିଁ ତ ସାହିତ୍ୟ ନାହିଁ କହିଥିଲେ। ସାହିତ୍ୟର ଲକ୍ଷ୍ୟ ସମାଜର ମଙ୍ଗଳ ଓ ଦିଗ୍‌ଦର୍ଶନ ହେବା ଉଚିତ। ଏଥିରେ ସମ୍ମାନନୀୟ ଅତିଥିଭାବେ ଉପଜିଲ୍ଲାପାଳ ପରିକ୍ଷୀତ ସେଠୀ ଯୋଗଦେଇ କହିଲେ ବହୁ ଦିନ ବ୍ୟବଧାନ ପରେ ପୁସ୍ତକମେଳା ଓ ସାହିତ୍ୟ ଆସର ନବରଙ୍ଗପୁର ମାଟିରେ ହେଉଛି। ପୁସ୍ତକ ମେଳାର ଭରପୁର ଫାଇଦା ନେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିପ୍ଳବୀ କବି ପ୍ରଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ ଆଦିବାସୀଙ୍କ ଅନେକ ଅଲିଖିତ ଗାଉଁଲି ସାହିତ୍ୟ ଢଗଢମାଳିକୁ ଲୋକେ ମନେ ପକାଉଛନ୍ତି। ଏହାକୁ ସଂରକ୍ଷଣ କରିବା ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଶେଷରେ ଏକାଡେମୀ ପକ୍ଷରୁ ପ୍ରକାଶନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସନ୍ଧ୍ୟା ୭.୩୦ ଘଣ୍ଟା ସମୟରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଆକାଶବାଣୀ ଦ୍ୱାରା ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରଥମ ଶ୍ରେଣୀ କଳାକାର ତଥା ବିଶିଷ୍ଟ ମଞ୍ଚ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଗୋପାଳକୃଷ୍ଣ ସାମନ୍ତରାୟ ହାସ୍ୟ ଅଭିନୟ ପରିବେଷଣ କରିଥିଲେ।

କାକର୍ - ୨୦୧୫ ଉତ୍ସବର ଦ୍ୱିତୀୟ ଦିନ ତା ୫.୧.୧୫ ରିଖ ପୂର୍ବାହ୍ନ ୧୦.୦୦ ଘଣ୍ଟା ସମୟରେ ଏକାଡେମୀ ପକ୍ଷରୁ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। ସନ୍ଧ୍ୟା ୫.୩୦ ଘଣ୍ଟା ସମୟରେ ''ସାମ୍ପ୍ରତିକ ସମାଜରେ ବ୍ୟଙ୍ଗ ସାହିତ୍ୟ'' ବିଷୟରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୀମ ମାନସେଠ୍ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନନୀୟ ଅତିଥିଭାବେ ଶ୍ରୀ ପ୍ରହ୍ଲାଦ ତ୍ରିପାଠୀ, ଉପାଧ୍ୟକ୍ଷ ନବରଙ୍ଗପୁର ପୌରପାଳିକା, ଡକ୍ଟର ଜଗନ୍ନାଥ ରାଉତ, ଇଂ ତପନ କୁମାର ରାଉତ ଓ ଯୁବ ସଙ୍ଗଠକ ନିର୍ମଳ କୁମାର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟଙ୍ଗ କବି ଶ୍ରୀ ଜ୍ଞାନ ହୋତା ବ୍ୟଙ୍ଗ ସାହିତ୍ୟ ଉପସ୍ଥାପନା କରିଥିଲେ। ଶେଷରେ ଏକାଡେମୀର ସଦସ୍ୟ ପ୍ରଦୀପ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରସୁଗୁଡ଼ାଠାରେ ଜିଲ୍ଲାସ୍ତରୀୟ ସୃଜନ ସମାରୋହ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଝାରସୁଗୁଡ଼ାସ୍ଥ ମେଘଦୂତ ହୋଟେଲରେ ତା ୮.୨.୧୫ରିଖ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଆଲୋଚନାଚକ୍ର ଓ ଅପରାହ୍ନ ୨.୩୦ ଘଣ୍ଟା ସମୟରେ ଜିଲ୍ଲାସ୍ତରୀୟ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏକାଡେମୀର ଉପସଭାପତି ଗିରି ଦଣ୍ଡସେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂର୍ବାହ୍ନ ଉଦ୍‌ଘାଟନୀ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ଧ୍ରୁବରାଜ ନାଏକ ଉଦ୍‌ଘାଟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜଗୋପାଳ ଆଚାର୍ଯ୍ୟ ମୁଖ୍ୟଅତିଥି, ଶ୍ରୀ ଜୟ ନାରାୟଣ ତ୍ରିପାଠୀ ସମ୍ମାନନୀୟ ଅତିଥି ଓ ମହମ୍ମଦ ଜମିଉଲ୍ଲା ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରି ସାହିତ୍ୟର କୌଣସି ସୀମା ସରହଦ ନାହିଁ ବୋଲି ମତ ରଖିଥିଲେ।

ପୂର୍ବାହ୍ନ ୧୧.୩୦ ଘଣ୍ଟା ସମୟରେ "ଓଡ଼ିଆ ଭାଷା ସାହିତ୍ୟକୁ ଝାରସୁଗୁଡ଼ାର ଅବଦାନ" ବିଷୟକ ଆଲୋଚନାଚକ୍ର ଡକ୍ଟର ଦୁଃଖିରାମ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ପୃକ୍ତ ବିଷୟରେ ଡକ୍ଟର ଗୌରୀଦାସ ପଧାନ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଡକ୍ଟର ପ୍ରଦୀପ କୁମାର ପଣ୍ଡା, ଡକ୍ଟର ମନୋଜ କୁମାର ପଣ୍ଡା ଓ ଶ୍ରୀ ଭଗବାନ ପଟେଲ ଏହି ବିଷୟରେ ଆଲୋଚନା କରି କହିଥିଲେ ଝାରସୁଗୁଡ଼ା ହେଉଛି ବିଭିନ୍ନ ଧର୍ମାବଲମ୍ବୀ ଓ ଭାଷାଭାଷୀର ଲୋକ ବାସ କରୁଥିବା ସହର। ତଥାପି ଏଠାରେ ସାହିତ୍ୟ ବଂଚି ରହିଛି। ଭାଷା ବଢ଼ିଲେ ଜାତି ବଢ଼ିବା ସହ ଏକ ସଂସ୍କୃତି ସମ୍ପନ୍ନ ସମାଜ ସୃଷ୍ଟି ହୋଇପାରିବ। ସ୍ୱଚ୍ଛଳ ବ୍ୟକ୍ତି ପାଶ୍ଚାତ୍ୟ ସଂସ୍କୃତି ଓ ଭାଷାକୁ ଅଣଦେଖା କରିଚାଲିଛନ୍ତି। ସାହିତ୍ୟିକ ଜଗଦୀଶ ମହାନ୍ତି, ରାଜେନ୍ଦ୍ର କିଶୋର ପଣ୍ଡା, କବି ବିନୋଦ ଚନ୍ଦ୍ର ନାୟକଙ୍କ ଭଳି କେତେକ ସାହିତ୍ୟିକଙ୍କ ରଚନା ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି ବୋଲି ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ସାରସ୍ୱତ ଆନ୍ଦୋଳନକୁ ବ୍ୟାପକ କରିବାକୁ ଉଦ୍ୟମ କରାଯିବ ବୋଲି ସେମାନେ ପୁଣି କହିଥିଲେ।

ଅପରାହ୍ନ ୨.୩୦ ଘଣ୍ଟା ସମୟରେ ଡକ୍ଟର ଗିରିଜା ଶଙ୍କର ଶର୍ମାଙ୍କ ପୌରୋହିତ୍ୟରେ ଜିଲ୍ଲା ସ୍ତରୀୟ କବିତା ପାଠ ଆରମ୍ଭ ହୋଇଥିଲା। ଏଥିରେ ଡକ୍ଟର ସୌଭାଗ୍ୟବନ୍ତ ମହାରଣା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ୫୦ ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ।

# ଶ୍ରୀଜଗନ୍ନାଥ ଚେତନା ଯୁଗେ ଯୁଗେ ସାହିତ୍ୟିକମାନଙ୍କୁ ଉଦ୍‌ବୁଦ୍ଧ କରିଛି




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରୀ ଶରଧାବାଲିରେ ଆୟୋଜିତ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସାରସ୍ୱତ ମଞ୍ଚରେ ୬ ଜାନୁଆରୀ, ୨୦୧୫ ମଙ୍ଗଳବାର ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ "ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ"ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାହିତ୍ୟିକ ଡକ୍ଟର କୈଳାସଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଲେ ଯେ ଶ୍ରୀଜଗନ୍ନାଥ ଚେତନା ଯୁଗେ ଯୁଗେ କବି ଓ ଲେଖକମାନଙ୍କୁ ସେମାନଙ୍କର ସାହିତ୍ୟ ରଚନା ନିମନ୍ତେ ଗଭୀର ଭାବରେ ପ୍ରଭାବିତ କରିଛି ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ସାରଳା ଦାସଙ୍କ ମହାଭାରତ ଓ ପଞ୍ଚସଖାଙ୍କ ବିପୁଳ ସୃଷ୍ଟି ଠାରୁ ଆରମ୍ଭ କରି କବି ହରିହର ମିଶ୍ରଙ୍କ ସୃଷ୍ଟି ପର୍ଯ୍ୟନ୍ତ। ମୁଖ୍ୟବକ୍ତା ପ୍ରଫେସର ସୁରେନ୍ଦ୍ର ନାଥ ଦାସ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଏବଂ ଗୋପବନ୍ଧୁଙ୍କ ରଚନାରେ ଶ୍ରୀଜଗନ୍ନାଥ ଚେତନା କିଭଳି ଭାବରେ ଛତ୍ରେ ଛତ୍ରେ ଭରି ରହିଛି ତାହାର ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟା କରିଥିଲେ। ସମ୍ମାନନୀୟବକ୍ତା ଭାବରେ ଡକ୍ଟର ଦେବାଶିଷ ପାତ୍ର ଆଧୁନିକ କାଳର କବିମାନଙ୍କର କବିତାରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଭାବ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନ କବିମାନଙ୍କର କୃତି ସମୂହକୁ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦ କରାଗଲେ ତାହା ଓଡ଼ିଆ ସାହିତ୍ୟର ଉତ୍କୃଷ୍ଟତାକୁ ସାର୍ବଜନୀନ କରାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଅଧକ୍ଷତା କରି କହିଲେ ଯେ ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତିର ସଂସ୍କୃତି ଭାବରେ ପରିଣତ ହୋଇଯାଇଥିବାରୁ ଏ ଜାତି ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି। ଅନ୍ୟତମ ସମ୍ମାନନୀୟ ଅତିଥି ଶ୍ରୀ ମଧୁସୂଦନ ଦାସ ଶ୍ରୀଜଗନ୍ନାଥ ସମ୍ପର୍କରେ ଏକାଡେମୀ ଏହିଭଳି ଆଲୋଚନାଚକ୍ର ଆୟୋଜନ କରିଥିବାରୁ ଧନ୍ୟବାଦର ପାତ୍ର ବୋଲି ତାଙ୍କ ଭାଷଣ ପ୍ରସଙ୍ଗରେ ଦର୍ଶାଇଥିଲେ। ଏକାଡେମୀ ପକ୍ଷରୁ ପ୍ରଯୋଜନା ଅଧିକାରୀ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରଳାଖେମୁଣ୍ଡିରେ ଜିଲ୍ଲାସ୍ତରୀୟ ସୃଜନ ଆସର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାରଳାଖେମୁଣ୍ଡିସ୍ଥ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ତା ୮.୨.୧୫ ରିଖ ପୂର୍ବାହ୍ଣ ୧୦.୦୦ ଘଣ୍ଟା ସମୟରେ ଆଲୋଚନାଚକ୍ର ଓ ଅପରାହ୍ଣ ୩.୦୦ ଘଣ୍ଟା ସମୟରେ ଆମନ୍ତ୍ରିତ କବିମାନଙ୍କ ଦ୍ୱାରା କବିତା ପାଠ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲାସ୍ତରୀୟ ସୃଜନ ଆସର ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲାସ୍ତରୀୟ ଏହି ସୃଜନ କାର୍ଯ୍ୟକ୍ରମର ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଅନୁଷ୍ଠିତ "ଓଡ଼ିଆ ପ୍ରହ୍ଲାଦ ନାଟକର ସୃଷ୍ଟି ଓ ସ୍ରଷ୍ଟା" ବିଷୟକ ଆଲୋଚନା କାର୍ଯ୍ୟକ୍ରମରେ ଏକାଡେମୀର ଗଜପତି ଜିଲ୍ଲା ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଶିକ୍ଷାବିତ୍ ଗୌରଚନ୍ଦ୍ର ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଡକ୍ଟର ଦିନନାଥ ପାଠୀ ଓ ଡକ୍ଟର କୁଳମଣି ଓଝା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରହ୍ଲାଦ ନାଟକର ସୃଷ୍ଟି ଓ ସ୍ରଷ୍ଟାଙ୍କ ସମ୍ପର୍କରେ ଉପସ୍ଥାପିତ ନିବନ୍ଧ ଗୁଡ଼ିକ ଉପରେ ଆଲୋଚନା କରିଥିଲେ । ନିବନ୍ଧଗୁଡ଼ିକ ପାଠ କରିଥିଲେ କଟକ ଆକାଶବାଣୀର କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥ, ଆକାଶବାଣୀ କଟକର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ କାଳିକିଂକର ମିଶ୍ର ଓ ସାହିତ୍ୟ ଆଲୋଚକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ପ୍ରହ୍ଲାଦ ନାଟକର ରଚନା ସମୟ ଓ ରଚୟିତାମାନଙ୍କ ସମ୍ପର୍କରେ ଆଲୋଚକମାନେ ଭିନ୍ନ ଭିନ୍ନ ମତ ଉପସ୍ଥାପିତ କରିଥିଲେ ସୁଦ୍ଧା ଉକ୍ତ ନାଟକ ଓଡ଼ିଶାର ଦକ୍ଷିଣାଞ୍ଚଳରେ ଜନ୍ମଲାଭ କରିଥିବା ନେଇ ମତ ପ୍ରକାଶ ପାଇଥିଲା। ପୁନଶ୍ଚ ଓଡ଼ିଆ ପ୍ରହ୍ଲାଦ ନାଟକ ତେଲୁଗୁ ପ୍ରହ୍ଲାଦ ନାଟକର ପୂର୍ବବର୍ତ୍ତୀ ବୋଲି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉଦାହରଣ ସହ ଯୁକ୍ତି ଉପସ୍ଥାପନ କରିଥିଲେ।

ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଆଇନଜୀବୀ ବଟକୃଷ୍ଣ ପାତ୍ର ଓ ଅତିଥି ପରିଚୟ ଦେଇଥିଲେ ଆଶାଲତା ପାଣିଗ୍ରାହୀ।

ଅପରାହ୍ଣ ୩.୦୦ ଘଣ୍ଟା ସମୟରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ରୁ ଊର୍ଦ୍ଧ୍ୱ ଆମନ୍ତ୍ରିତ କବି ସ୍ୱରଚିତ କବିତାମାନ ପାଠ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଗାଳ୍ପିକା ଶ୍ରୀମତୀ ଅଞ୍ଜଳି ଦାସ, କବି ଶ୍ରୀ ପ୍ରଦୀପ କୁମାର ମିଶ୍ର ଓ ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା।

ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସତ୍ୟନାରାୟଣ ମହାରଣା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏକାଡେମୀର ପ୍ରକାଶନ ଅଧିକାରୀ ପ୍ରଦୀପ କୁମାର ପୂଜାପଣ୍ଡାଙ୍କ ସମେତ ତ୍ରିପତି ପ୍ରସାଦ ପଣ୍ଡା, ଭାରତ ଭୂଷଣ ମହାନ୍ତି ଓ ଅନ୍ୟମାନେ।

# ବାରାଣସୀଠାରେ ସାରସ୍ୱତ ସମ୍ମିଳନୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାରାଣସୀ ଉତ୍କଳ ସମାଜ ସହଯୋଗରେ ବାରାଣସୀସ୍ଥ କାଶୀହିନ୍ଦୁ ବିଶ୍ୱବିଦ୍ୟାଳୟର କେ.ଏନ୍. ଉଡୁପ୍ପା ସଭାଗୃହରେ ତା ୧୧.୧.୧୫ରିଖ ପୂର୍ବାହ୍ଣ ୯.୩୦ ଘଣ୍ଟା ସମୟରେ "ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ପ୍ରତିକତା" ବିଷୟକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗିରିଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା କାର୍ଯ୍ୟକ୍ରମକୁ ସାଂସଦ ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟନ କରି କହିଲେ ଓଡ଼ିଆ ଭାଷାରେ ଶବ୍ଦ ଭଣ୍ଡାର ସବୁଠୁ ବେଶୀ। ଇଂଲିଶ ବା ତଥାକଥିତ ଆଧୁନିକ ଶିକ୍ଷାର ପ୍ରଭାବ ଦ୍ୱାରା ଓଡ଼ିଆ ଭାଷାର ଅବକ୍ଷୟ ଘଟୁଛି। ଓଡ଼ିଶା ବାହାରେ ଥାଇ ବାରାଣସୀ ଉତ୍କଳ ସମାଜ ଓଡ଼ିଆ ଭାଷାର ଉନ୍ନତି ଦିଗରେ କାର୍ଯ୍ୟ କରିବା ପ୍ରଶଂସନୀୟ ବୋଲି ପାଟଶାଣୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଲୋଚକ ଭାବେ କଥାକାର ରାମଚନ୍ଦ୍ର ବେହେରା, କଳା ସମୀକ୍ଷକ ଦୀନନାଥ ପାଠୀ, ଭାଷାବିତ୍ କୀର୍ତ୍ତନ ନାରାୟଣ ପାଢ଼ୀ, ଶଙ୍କରଲାଲ ପୁରୋହିତ, ଅନ୍ତର୍ଯ୍ୟାମୀ ମିଶ୍ର, ଡ. ବିଜୟାନନ୍ଦ ସିଂହ ଓ ଜିତେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଯୋଗଦାନ କରି "ଓଡ଼ିଆ ଭାଷା ଓ ସାହିତ୍ୟ, ସ୍ୱରୂପ ଓ ବିକାଶ" ଉପରେ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ଆୟୋଜ ବାରାଣସୀ ଉତ୍କଳ ସମାଜ ପକ୍ଷରୁ ପ୍ରଫେସର ରମେଶ ଚନ୍ଦ୍ର ପଣ୍ଡା ଏହାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଏହାପରେ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଏ ଅବସରରେ ସାହିତ୍ୟିକଙ୍କୁ ସ୍ୱାଗତ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଅମିୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।


ଶ୍ରୀ ଅଶ୍ୱିନୀ କୁମାର ମିଶ୍ର

ଅବସରପ୍ରାପ୍ତ ପ୍ରଶାସକ, ସୁସାହିତ୍ୟିକ, ପ୍ରାବନ୍ଧିକ ତଥା କବି ଶ୍ରୀ ଅଶ୍ୱିନୀ କୁମାର ମିଶ୍ରଙ୍କୁ ଓଡ଼ିଶା ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ତା ୨୯.୦୧.୧୫ରିଖର ବିଜ୍ଞପ୍ତି ସଂଖ୍ୟା ୬୬୧ ଦ୍ୱାରା ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପଦରେ ନିଯୁକ୍ତି ଦିଆ ଯାଇଅଛି । ଶ୍ରୀ ମିଶ୍ର ତା ୩୦-୦୧-୨୦୧୫ରିଖରେ ଏହି ପଦବୀରେ ଯୋଗଦାନ କରିଛନ୍ତି । ସେଥିପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ସୁସ୍ୱାଗତ ଓ ଶୁଭେଚ୍ଛା ।

**ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪**
ଦୂରଭାଷ:୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ:orissasahityaakademi@rediffmail.com, odishasahityaakademi@gmail.com
ୱେବସାଇଟ୍:www.orissasahityaakademi.org

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଓଡ଼ିଶା ପ୍ରିଣ୍ଟିଂ ୱାର୍କ୍ସ, କଟକ-୨